ରାଜସ୍ଥାନରେ ମିଳିଲା ୟୁରାନିୟମର ବଡ଼ ଭଣ୍ଡାର

ଜୟପୁର, ୨୭।୬ (ଶ୍ରୁମି.) : ଝାଡଖଣ୍ଡ ଏବଂ ଆନ୍ଧ୍ର ପ୍ରଦେଶ ପରେ ରାଜସ୍ଥାନରେ ୟୁରାନିୟମର ବିଶାଳ ଭଣ୍ଡାର ମିଳିଛି । ସୀକର ଖଣ୍ଡେଲା ଅଞ୍ଚଳରେ ଖନନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଠାରେ ୧୦୮୬.୪୬ ହେକ୍ଟର ଅଞ୍ଚଳରେ ୧୨ ମିଲିୟନ ଟନ ୟୁରାନିୟମ ଏବଂ ଏହାସହ ଏହାର ସହଯୋଗୀ ଖଣିଜ ମିଳିବା ପରେ କେନ୍ଦ୍ର ସରକାର ବେଶ ଆକ୍ଟିଭ ହୋଇଛନ୍ତି । ଏହାଦ୍ୱାରା ରୋଜଗାରଠୁ ଆରମ୍ଭ କରି ନିବେଶର ରାସ୍ତା ପ୍ରଶସ୍ତ ହେବ । ଅନ୍ୟପଟେ ୟୁରାନିୟମର ଗୁଣବତ୍ତା ଆଧାରରେ ଏହାର ପ୍ରୟୋଗ ପରମାଣୁ ଅସ୍ତ୍ର ନିର୍ମାଣ କରାଯିବ ନା ନାହିଁ ତାର ନିଷ୍ପତ୍ତି ନିଆଯିବ । ଏହାସହ ପରମାଣୁ ବୋମାରେ ୟୁରାନିୟମର ଉପଯୋଗ କରିବା ପାଇଁ ଅନେକ ବୈଜ୍ଞାନିକ ପରୀକ୍ଷଣ କରିବାକୁ ପଡିଥାଏ । ଖନନ ପାଇଁ ରାଜସ୍ଥାନ ସରକାର ରବିବାର ଏଲଓଆଇ(ଲେଟର ଅଫ୍ ଇଣ୍ଟେଟ) ଜାରି କରିଛନ୍ତି । ଏହାସହ ୟୁରାନିୟମ ମାଇନିଂ ଉଦ୍ୟୋଗରେ ରାଜସ୍ଥାନର ପ୍ରବେଶ ହୋଇଛି । ୟୁରାନିୟମ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ପ୍ରାୟ ୩ ହଜାର କୋଟି ଟଙ୍କା ନିବେଶ କରିବ। ପ୍ରାୟ ୩ ହଜାର ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ରୋଜଗାର ମିଳିବ। ରାଜ୍ୟର ଖଣି ବିଭାଗର ଅତିରିକ୍ତ ସଚିବ ସୁବୋଧ ଅଗ୍ରୱାଲ କହିଛନ୍ତି, ରାଜସ୍ଥାନ ସରକାର ସୀକର ନିକଟ ଖଣ୍ଡେଲା ତହସିଲ ଅନ୍ତର୍ଗତ ରୋହିଲରେ ୟୁରାନିୟମର ମାଇନିଂ ପାଇଁ ୟୁରାନିୟମ କର୍ପୋରେସନ ଅଫ୍ ଇଣ୍ଡିଆକୁ ଏଲଓଆଇ ଜାରି କରିଛିୟ ଦେଶରେ ଝାଡଖଣ୍ଡ ଏବଂ ଆନ୍ଧ୍ର ପ୍ରଦେଶ ପରେ ରାଜସ୍ଥାନରେ ୟୁରାନିୟମର ବିଶାଳ ଭଣ୍ଡାର ମିଳିଛି । ୟୁରାନିୟମ ଦୁନିଆର ସବୁଠୁ ଦୁର୍ଲଭ ଖଣିଜ ମଧ୍ୟରୁ ଗୋଟିଏୟ ପରମାଣୁ ଶକ୍ତି ପାଇଁ ୟୁରାନିୟମ ଅତ୍ୟନ୍ତ ମୂଲ୍ୟବାନ ଖଣିଜ। ୟୁରାନିୟମ ଖନନ ପରେ ରାଜସ୍ଥାନ ବୋଲ୍ଡ ସ୍କ୍ରିନକୁ ଆସିବା ସହ ନିବେଶ, ଆୟ ଏବଂ ରୋଜଗାର ପାଇଁ ବାଟ ମଧ୍ୟ ଫିଟିବ।

ପ୍ରଥମ ଥର ବିଦେଶ ଯାତ୍ରାରେ ଭ୍ଲାଦିମିର ପୁଟିନ୍

ଲଣ୍ଡନ ୨୭।୬ (ଏଜେନ୍ସି) : ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଚଳିତ ସପ୍ତାହରେ ମଧ୍ୟ ଏସିଆର ଦୁଇ ପୂର୍ବତନ ସୋଭିଏ୍ ରାଜ୍ୟ ଗସ୍ତ କରିବେ ୟ ରଷ୍ ରାଜ୍ୟ ଟେଲିଭିଜନ ରବିବାର ଦିନ ଏହି ସୂଚନା ପ୍ରଦାନ କରିଛି ୟ ୟୁକ୍ରେନ୍ ଉପରେ ଆକ୍ରମଣ ନିର୍ଦ୍ଦେଶ ଦେବାପରେ ପୁଟିନ୍ଙ୍କର ଏହା ପ୍ରଥମ ବିଦେଶ ଯାତ୍ରା ୟ ରୋସିଆ ୧ ରାଜ୍ୟ ଟେଲିଭିଜନ ଷ୍ଟେସନର ସାମ୍ବାଦିକ ପାଓ୍ୱେଲ ଜାରୁବିନ୍ କହିଛନ୍ତି ଯେ, ଭ୍ଲାଦିମିର ପୁଟିନ୍ ତାଜିକିସ୍ତାନ ଏବଂ ତୁର୍କମେନିସ୍ତାନ ଗସ୍ତ କରିବା ସହ ମସ୍କୋରେ କଥାବାର୍ତ୍ତା ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକେ ଓ୍ୱିଡୋଡୋଙ୍କ ସହ ଭେଟିବେ । ଜାରୁବିନ୍ କହିଛନ୍ତି, ଦୁଶାମ୍ବେରେ ପୁଟିନ୍ ତାଜିକ ରାଷ୍ଟ୍ରପତି ଇମୋମାଲି ରାଖମୋନଙ୍କୁ ଭେଟିବେ । ଯିଏକି ରଷ୍ର ଜଣେ ଘନିଷ୍ଠ ସହଯୋଗୀ ଏବଂ ଜଣେ ପୂର୍ବତନ ସୋଭିଏ୍ ରାଜ୍ୟର ସବୁଠୁ ଅଧିକ ସମୟ ଶାସନ କରିଥିବା ଶାସକ । ଅଶଗାବାତରେ ସେ ଅଜରବୈଜାନ, କାଜାକିସ୍ତାନ, ଇରାନ ଏବଂ ତୁର୍କମେନିସ୍ତାନ ନେତାଙ୍କ ସହିତ କ୍ୟାପସିୟନ ଦେଶର ଏକ ଶିଖର ସମ୍ମିଳନୀରେ ଭାଗ ନେବେ । ରଷ୍ ବାହାରେ ପୁଟିନଙ୍କୁ ଶେଷ ଜ୍ଞାତ ଯାତ୍ରା ଫେବୃଆରୀ ଆରମ୍ଭରେ ବେଜିଂ ଗସ୍ତ ଥିଲା । ବେଜିଂରେ ପୁଟିନ୍ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଅଲମ୍ପିକ ଶୀତକାଳୀନ ଖେଳର ଉଦଘାଟନ ସହାରୋହରେ ସାମିଲ ହେବାର କିଛି ଘଣ୍ଟା ପୂର୍ବରୁ ବନ୍ଧୁତ୍ୱ ଚୁକ୍ତିର ଅନାବରଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ରଷ୍ ସେନା ଫେବୃଆରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ । ଯାହା ପରଠାରୁ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଜାରି ରହିଛି । ଯାହା ଫଳରେ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି । ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି । ସେହିଭଳି ଆମେରିକା ଏବଂ ତାଙ୍କ ପଶ୍ଚିମୀ ସହଯୋଗୀ ମସ୍କୋ ଉପରେ ଗମ୍ଭୀର ଆର୍ଥିକ ପ୍ରତିବନ୍ଧକ ଲଗାଇଛି ।

ରାଷ୍ଟ୍ରପତି ରେସ୍ : ନାମାଙ୍କନ ପତ୍ର ଦାଖଲ କଲେ ଯଶଓ୍ୱନ୍ତ ସିହ୍ନା

ନୂଆଦିଲ୍ଲୀ ୨୭/୬ (ଏଜେନ୍ସି) : ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ଦଳର ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନା ସୋମବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଯଶଓ୍ୱନ୍ତ ସିହ୍ନାଙ୍କ ନାମାଙ୍କନ ଦାଖଲ ବେଳେ ବିରୋଧୀ ଦଳର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏନସିପି ମୁଖ୍ୟ ଶରଦ ପାଓ୍ୱାର ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ଉପସ୍ଥିତିରେ ଯଶଓ୍ୱନ୍ତ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଲ୍ଲିକାର୍ଜୁନ ଖଡଗେ, ଜୟରାମ ରମେଶ, ଡିଏମକେ ନେତା ଏ ରାଜା, ଏନସିପି ନେତା ଫାରୁକ ଅବଦୁଲା, ମଧ୍ୟ ନାମାଙ୍କନ ପତ୍ର ଦାଖଲ ବେଳେ ଉପସ୍ଥିତ ରହିଥିଲେ । ଯଶଓ୍ୱନ୍ତ ନିଜର ନାମାଙ୍କନ ପତ୍ର ରାଷ୍ଟ୍ରପତି ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ପିସି ମୁଡିଙ୍କୁ ପ୍ରଦାନ କରିଥିଲେ । ଟିଏମସି, କଂଗ୍ରେସର ସମର୍ଥନ ଯଶଓ୍ୱନ୍ତ ସିହ୍ନାଙ୍କୁ ଟିଏମସି, କଂଗ୍ରେସ, ସମାଜବାଦୀ ପାର୍ଟି, ଆରଜେଡି ପ୍ରମୁଖ ସମର୍ଥନ କରୁଛନ୍ତି । ତାଙ୍କୁ ବିରୋଧୀ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବାରୁ ଯଶଓ୍ୱନ୍ତ ସିହ୍ନା ବିରୋଧୀ ଦଳ ନେତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ତାଙ୍କ ପୁଅ ତଥା ବିଜେପି ସାଂସଦ ଜୟନ୍ତ ସିହ୍ନାଙ୍କ ସଂପର୍କରେ ଏକ ଟିପ୍ପଣୀ ରଖିଥିଲେ, ଯାହା ଚର୍ଚ୍ଚାର ବିଷୟ ହୋଇଛି । ସେ କହିଥିଲେ ଯେ, ପୁଅର ସମର୍ଥନ ନ ପାଇ ମୁଁ କୌଣସି ପ୍ରକାର ଧର୍ମ ସଂକଟରେ ନାହିଁ । ପୁଅ ରାଜଧର୍ମ ପାଳନ କରୁଛି । ମୁଁ ରାଷ୍ଟ୍ର ଧର୍ମ ପାଳନ କରିବି ବୋଲି ସିହ୍ନା କହିଥିଲେ । ପୁଅ ବିଜେପି ସାଂସଦ ଯଶଓ୍ୱନ୍ତ ସିହ୍ନାଙ୍କ ପୁଅ ଜୟନ୍ତ ସିହ୍ନା ବିଜେପି ସାଂସଦ ଅଛନ୍ତି । ୮୪ ବର୍ଷୀୟ ଶ୍ରୀ ସିହ୍ନା କହିଛନ୍ତି, ଜୁଲାଇ ୧୮ରେ ହେବାକୁ ଥିବା ନିର୍ବାଚନ ବ୍ୟକ୍ତିଗତ ପ୍ରତିଯୋଗିତାଠାରୁ ଅନେକ କିଛି । ସେହିଭଳି ଏହା ଭାରତର ରାଷ୍ଟ୍ରପତି ନିର୍ବାଚନ ଠାରୁ ମଧ୍ୟ ଅଧିକ । ତେବେ ଯଶଓ୍ୱନ୍ତଙ୍କ ପ୍ରୀ ଏନ୍ ଡିଏ ଭଲ ପ୍ରାର୍ଥୀ ଦେଇଥିବାରୁ ଯଶଓ୍ୱନ୍ତଙ୍କ ବିଜୟ ଆଶା କ୍ଷୀଣ ବୋଲି କହିଛନ୍ତି ।

ବିଦ୍ରୋହୀ ମନ୍ତ୍ରୀଙ୍କ ଉପରେ ସିଏମ ଉଦ୍ଧାର ଠାକରେଙ୍କ ଆକ୍ସନ

ମୁମ୍ବାଇ, ୨୭।୬ (ଶ୍ରୁମି.) : ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ବିଦ୍ରୋହୀ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏକାନଥ ସିନ୍ଦେଙ୍କ ସହ ଅନ୍ୟ ୮ ଜଣ ବିଦ୍ରୋହୀ ମନ୍ତ୍ରୀଙ୍କ ଠାରୁ ସେମାନଙ୍କ ବିଭାଗ ଛଡାଇ ନେଇଛନ୍ତି । ଏହାସହ ମହା ବିକାଶ ଅଘାଡି ସରକାରର ଅନ୍ୟ ମନ୍ତ୍ରୀଙ୍କୁ ଏହି ସବୁ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁସାରେ, ସିଏମ ଉଦ୍ଧବ ଠାକରେ ଜନହିତ ଦୃଷ୍ଟିରୁ ବିଭାଗ ଗୁଡିକର ପରିବର୍ତ୍ତନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ମହାବିକାଶ ଅଘାଡି ସରକାରରେ ଶିବସେନାର ୯ ମନ୍ତ୍ରୀ ବିଦ୍ରୋହୀ ହୋଇ ଏକନାଥ ସିନ୍ଦେଙ୍କ ସହ ଗୌହାଟୀରେ ଅଛନ୍ତିୟ ଏହାପରେ ଉଦ୍ଧବ ଠାକରେ କ୍ୟାବିନେଟରେ ଶିବସେନାର କେବଳ ୩ ଜଣ ମନ୍ତ୍ରୀ ଅଛନ୍ତି । ଏଥିରେ ନିଜେ ମୁଖ୍ୟମନ୍ତ୍ରୀଙ୍କ ପୁଅ ଆଦିତ୍ୟ ଠାକରେ ଅଛନ୍ତି । ଅନ୍ୟ ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ସୁଭାଷ ଦେସାଇ ଏବଂ ଅନୀଲ ପରବ ଅଛନ୍ତି । ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏକନାଥ ସିନ୍ଦେଙ୍କ ନଗର ଉତ୍ତୟନ ବିଭାଗ ଦାୟିତ୍ୱ ସୁଭାଷ ଦେସାଇଙ୍କୁ ଦେଇଛନ୍ତି । ସେହିପରି ଉଦୟ ସମାନ୍ତଙ୍କ ଉଚ୍ଚ ଶିକ୍ଷା ବିଭାଗ ଦାୟିତ୍ୱ ଆଦିତ୍ୟ ଠାକରେଙ୍କୁ ଦିଆଯାଇଛି ୟ ଦାଦାଜୀ ଭୁସେଙ୍କ ଠାରୁ କୃଷି ବିଭାଗକୁ ଛଡାଇ ଶଙ୍କର ଯଶଓ୍ୱନ୍ତରାଓ ଗଡଖକୁ ଦିଆଯାଇଛି ।

ଏକନାଥ ସିନ୍ଦେଙ୍କ ଗୋଷ୍ଠୀକୁ ସୁପ୍ରିମକୋର୍ଟରୁ ମିଳିଲା ବଡ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି) : ମହାରାଷ୍ଟ୍ରରେ ଶିବସେନାର ବିଦ୍ରୋହୀ ବିଧାୟକ ଗୋଷ୍ଠୀକୁ ସୁପ୍ରିମକୋର୍ଟରୁ ମିଳିଲା ବଡ ଆଶ୍ୱସ୍ତି । ଉପ ବାଚସ୍ପତିଙ୍କ ଦ୍ୱାରା ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରିବା ନୋଟିସ୍ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ । ନୋଟିସ୍ ଉପରେ ଜବାବ ଦେବା ପାଇଁ ଉପ ବାଚସ୍ପତିଙ୍କୁ ଜୁଲାଇ ୧୧ ସନ୍ଧ୍ୟାରେ ୫ଟା ୩୦ ସୁଦ୍ଧା ସମୟ ଦେଇଛନ୍ତି । ଏଥିସହ ସର୍ବୋଚ୍ଚ ନ୍ୟାୟାଳୟ ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧ ତାରିଖ ଧାର୍ଯ୍ୟ କରାଯାଇଛି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟ ଆଦେଶ ଦେଇଛନ୍ତି । ଏକନାଥ ସିନ୍ଦେଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଉପ ବାଚସ୍ପତି ସମେତ ମହାରାଷ୍ଟ୍ର ବିଧାନସଭାର ସଚିବ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ପାଞ୍ଚ ଦିନ ଭିତରେ ନୋଟିସରେ ଜବାବ ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିଧାନସଭାର ସକ୍ଷମ ଅଧିକାରୀଙ୍କଠୁ ଜବାବ ଲୋଡାଯିବ । ସୁପ୍ରିମକୋର୍ଟ କଡା ଶବ୍ଦରେ ଉପ ବାଚସ୍ପତିଙ୍କୁ ମଧ୍ୟ ତାଗିଦ୍ କରିଛନ୍ତି । ଅଦାଲତ କହିଛନ୍ତି ଉପ ବାଚସ୍ପତି ନିଜେ ଜଜ୍ ହୋଇ ଯାଇଛନ୍ତି । ଉପ ବାଚସ୍ପତିଙ୍କ କାର୍ଯ୍ୟାଳୟର ସମସ୍ତ ରେକର୍ଡ ଦେଖାଯିବ ବୋଲି କୋର୍ଟ କହିଛନ୍ତି । ସୁପ୍ରିମକୋର୍ଟ ପ୍ରଥମେ ସିନ୍ଦେ ଗୋଷ୍ଠୀଙ୍କ ଦଲିଲ ଶୁଣିଥିଲେ । ମହାରାଷ୍ଟ୍ର ସରକାର ସଂଖ୍ୟା ଗରିଷ୍ଠତା ହରାଇଥିବା କୋର୍ଟରେ କହିଛନ୍ତି ସିନ୍ଦେ ଗୋଷ୍ଠୀଙ୍କ ଓକିଲୟ ଗୌହାଟୀରେ ଡେରା ପକାଇଥିବା ବିଧାୟକଙ୍କୁ ଜୀବନରୁ ମାରି ଦେବାକୁ ଧମକ ମିଳୁଛିୟ ଉଦ୍ଧବ ସରକାରଙ୍କ ପକ୍ଷରୁ ଯୁକ୍ତି ବାଢିଥିଲେ ଅଭିଷେକ ମନୁ ସିଙ୍ଘଭି ।

ରାଜ ଠାକରେଙ୍କୁ ଫୋନ୍ କଲେ ଏକନାଥ ସିନ୍ଦେ

ନୂଆଦିଲ୍ଲୀ ୨୭/୬ (ଏଜେନ୍ସି) : ମହାରାଷ୍ଟ୍ର ରାଜନୀତିରେ ଘଡିକେ ଘୋଡା ଛୁଟୁଛି । ଜଣଙ୍କ ପରେ ଜଣେ ଶିବସେନା ବିଧାୟକ ବିଦ୍ରୋହୀ ଏକନାଥ ସିନ୍ଦେଙ୍କ କ୍ୟାମ୍ପରେ ପ୍ରବେଶ କରୁଛନ୍ତି ୟ ସୋମବାର ରାଜ୍ୟର ଉଚ୍ଚ ଶିକ୍ଷାମନ୍ତ୍ରୀ ସିନ୍ଦେଙ୍କ କ୍ୟାମ୍ପରେ ଯୋଗଦେବାକୁ ଗୌହାଟୀ ଯାଇଥିଲେ । ଏବେ ଆଉ ଏକ ଖବର ଶୁଣିବାକୁ ମିଳୁଛି । ବିଦ୍ରୋହୀ ବିଧାୟକ ତଥା ମନ୍ତ୍ରୀ ଏକନାଥ ସିନ୍ଦେ ମହାରାଷ୍ଟ୍ର ନବର୍ନିମାଣ ସେନା ମୁଖିଆ ରାଜ ଠାକରେଙ୍କ ସହ କଥା ହୋଇଥିବା କୁହାଯାଉଛି । ଏମଏନଏସର ଜଣେ ନେତାଙ୍କ କହିବାନୁସାରେ, ଏକନାଥ ରାଜ ଠାକରେଙ୍କ ସହ ସମ୍ପ୍ରତି ମହାରାଷ୍ଟ୍ରର ରାଜନୀତି ବାବଦରେ ଆଲୋଚନା କରିଛନ୍ତି । ଏହାସହ ରାଜଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ବୁଝିଛନ୍ତି । ରବିବାର ରାଜ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ । ଗତ କିଛି ଦିନ ମଧ୍ୟରେ ସିନ୍ଦେ ଦୁଇ ଥର ରାଜଙ୍କ ସହ କଥା ହେଲେଣି । ସୂଚନାଯୋଗ୍ୟ, ରାଜ ଠାକରେ ୨୦୦୬ରେ ଶିବସେନାରୁ ଅଲଗା ହୋଇ ନିଜେ ଦଳ ଗଠନ କରିଥିଲେ । ସେ ହେଉଛନ୍ତି ଉଦ୍ଧବଙ୍କ ଦାଦାପୁଅ ଭାଇ । ସିନ୍ଦେଙ୍କ ୩୮ ବିଧାୟକଙ୍କ ସମର୍ଥନ ସିନ୍ଦେ ଦାବି କରିଛନ୍ତି ଯେ, ତାଙ୍କ ସପକ୍ଷରେ ଶିବସେନାର ୩୮ ବିଧାୟକ ରହିଛନ୍ତି । ସେମାନେ ହେଉଛନ୍ତି ପ୍ରକୃତ ଶିବସେନା । ଏହାସହ ମହାରାଷ୍ଟ୍ର ବିଧାନସଭା ଉପ ବାଚସ୍ପତିଙ୍କ ନୋଟିସକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଛନ୍ତି । ଯେଉଁଥିରେ ଉପ ବାଚସ୍ପତି ୧୬ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ । ଯାହାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି । ଗୌହାଟୀରେ ସିନ୍ଦେଙ୍କ ଟିମ୍ ସିନ୍ଦେଙ୍କ ସମେତ ଅନ୍ୟ ବିଦ୍ରୋହୀ ବିଧାୟକ ଗତ ବୁଧବାରରୁ ଆସାମରେ ଅଛନ୍ତି । ସେ ନିକଟରେ ନିଜ ସମର୍ଥିତ ବିଧାୟକଙ୍କୁ ନେଇ ଶିବସେନା ବାଲାସାହେବ ଗଠନ କରିଥିଲେ । ଏହାସହ ବିଦ୍ରୋହୀ ବିଧାୟକ ହିନ୍ଦୁତ୍ୱ ପ୍ରତି ଯତ୍ନଶୀଳ ଅଛନ୍ତି ।

ଶ୍ରୀଲଙ୍କା ଅର୍ଥନୀତି ସଂକଟ: ସ୍କୁଲ୍ ବନ୍ଦ, କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ସରକାରଙ୍କ ନିର୍ଦ୍ଦେଶ

କଲୋମ୍ବୋ ୨୭।୬ (ଏଜେନ୍ସି) : ଶ୍ରୀଲଙ୍କାରେ ଅର୍ଥନୀତି ଭୁଶୁଡ଼ି ପଡ଼ିଛି । ଦେଶରେ ଉତ୍କଟ ଇନ୍ଧନ ସମସ୍ୟା ଯୋଗୁ ଖାଦ୍ୟପାନୀୟ ଆଦିର ଭୀଷଣ ଅଭାବ ଦେଖାଦେଇଛି । ଶ୍ରୀଲଙ୍କା ପାଖରେ ବିଦେଶୀ ମୁଦ୍ରାଭଣ୍ଡାରରେ ଖାଲି ହୋଇଯାଇଥିବାରୁ ଇନ୍ଧନ କିଣିବା ସକ୍ଷମ ହୋଇପାରୁନି । ଫଳରେ ତତ୍ସମ୍ପର୍କିତ ସମସ୍ତ କାର୍ଯ୍ୟ ହୋଇପାରୁ ନାହିଁ । ଦେଶରେ ଇନ୍ଧନ ସଞ୍ଚୟ କରି ରଖିବା ପାଇଁ ଘରୋଇ କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ ପରାମର୍ଶ ଦିଆଯାଇଛି । ଓ୍ୱାର୍କ ଫ୍ରମ ହୋମ୍ଲେ ସେମାନଙ୍କୁ ଆଉ ତେଲ ସାରି ଅଫିସ୍ ଆସିବାକୁ ପଡିବ ନାହିଁୟ ଫଳରେ ଇନ୍ଧନର ସଞ୍ଚୟ ହୋଇପାରିବ । ପେଟ୍ରୋଲ୍ ପମ୍ପରେ ଗ୍ରାହକଙ୍କୁ ଟୋକନ୍ ନେଇ ପେଟ୍ରୋଲ ଭରିବାକୁ ପଡୁଛି । ସୋମବାର ଶ୍ରେଲଙ୍କା ପୁଲିସ ଲୋକମାନଙ୍କୁ ଟୋକନ ଦେଉଥିବା ଦେଖିବାକ ମିଳିଛି । ସେହିପରି ରାଜଧାନୀ କୋଲୋମ୍ବୋରେ ସ୍କୁଲ୍ ବନ୍ଦ ରଖାଯାଇଥିବା ବେଳେ କର୍ମଚାରୀମାନଙ୍କୁ ଘରେ ଥାଇ କାମ କରିବାକୁ କୁହାଯାଇଛି । ୨୨ ମିଲିୟନ ଲୋକ ରହଥିବା ଏହି ଦ୍ୱୀପଦେଶରେ ଲୋକେ ଖାଇବାକୁ ହନ୍ତସନ୍ତ ହେଉଛନ୍ତି । ଖାଦ୍ୟାଭାବ ସହ ଔଷଧ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନ୍ଧନର ଅଭାବ ରହିଛ । ଜଣେ ଅଟୋ ରିକ୍ସା ଡ୍ରାଇଭରଙ୍କୁ ପେଟ୍ରୋଲ ପମ୍ପ ଭିଡ଼ ବିଷୟରେ ପଚରକରିବାରୁ ସେ କହିଛନ୍ତି ୪ ଦିନ ହେଲା ମୁଁ ତେଲ ନେବାକୁ ଧାଡ଼ି ଲଗାଇଛି । ଟିକେ ଖାଇପିଇ ପାରୁନିୟ ୬୭ ବର୍ଷୀୟ ଡ.ଉ ସେଲଟନ ନାମକ ଅଟୋ ଡ୍ରାଇଭରଙ୍କୁ ତେଲ ନେବା ପାଇଁ ଟୋକନ ମିଳିଥିବାରୁ ସେ ତେଲ ନେବାକୁ ୪ ଦିନ ହେଲା ଧାଡ଼ିରେ ଛିଡ଼ା ହୋଇଛନ୍ତି । ରାଜଧାନୀ କଲୋମ୍ବୋରେ ଲାଗିଥିବା ୨୪ ତମ ଧାଡ଼ିରେ ଛିଡ଼ା ହୋଇଛନ୍ତି ସେଲଟନ । ରୋଜଗାର କରିପାରୁ ନଥିବାରୁ ପରିବାର ପୋଷିବା କଷ୍ଟକର ହୋଇପଡୁଛି । ପେଟ୍ରୋଲ ପମ୍ପରୁ ତାଙ୍କ ଘର ମାତ୍ର ୪ କିମିୟ ହେଲେ ଗାଡ଼ିରେ ତେଲ ନଥିବାରୁ ସେ ଘରକୁ ଯାଇପାରୁ ନାହାନ୍ତି । ବାଧ ହୋଇ ତାଙ୍କୁ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି । ତେବେ ଦେଶରେ ପେଟ୍ରୋଲ ଓ ଡିଜେଲ୍ ଭଣ୍ଡାର ନେଇ ସୂଚନା ଦେଇଛନ୍ତି ଶ୍ରୀଲଙ୍କା ଶକ୍ତି ଓ ଉର୍ଜା ମନ୍ତ୍ରୀ କାଞ୍ଚନା ଓ୍ୱିଜେସେକରା । ବର୍ତ୍ତମାନ ଦେଶରେ ମାତ୍ର ୯୦୦୦ ଟନ୍ ଡିଜେଲ୍ ଓ ୬୦୦୦ ଟନ୍ ପେଟ୍ରୋଲ ଅଛି ବୋଲି ରବିବାର ସେ ସୂଚନା ଦେଇଛନ୍ତି । କଲୋମ୍ବୋ ଓ ଆଖପାଖ ଅଞ୍ଚଳରେ ସ୍କୁଲ୍ ସପ୍ତାହେ ବନ୍ଦ ରଖାଯାଇଥିବା ବେଳେ କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ସଞ୍ଜୟ ରାଓ୍ୱତଙ୍କୁ ଇଡିର ନୋଟିସ

ନୂଆଦିଲ୍ଲୀ ୨୭।୬ (ଶ୍ରୁମି.) : ସାଂସଦ ସଞ୍ଜୟ ରାଓ୍ୱତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ନୋଟିସ୍ । ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ସଙ୍କଟ ମଧ୍ୟରେ ସଞ୍ଜୟ ରାଓ୍ୱତଙ୍କୁ ଇଡି ପକ୍ଷରୁ ନୋଟିସ୍ ଆସିଛି । ଆସନ୍ତାକାଲି (ମଙ୍ଗଳବାର ଦିନ) ଅଫିସରେ ହାଜର ହେବାକୁ ଇଡି ପକ୍ଷରୁ ଶିବସେନା ସାଂସଦଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଖବର ଅନୁଯାୟୀ, ପ୍ରବୀଣ ରାଓ୍ୱତ ଏବଂ ପାତ୍ରା ଚାଓ୍ୱଲଙ୍କ ଜମି ଦୁର୍ନୀତି ପ୍ରସଙ୍ଗରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହି ଦୁର୍ନୀତିରେ ପ୍ରାୟ ୧୦୩୪କୋଟି ଟଙ୍କାର ଘୋଟାଲା ହୋଇଛି ବୋଲି ସୂଚନା ରହିଛି । ଏହି ମାମଲାରେ ପୂର୍ବରୁ ସଞ୍ଜୀନ ରାଓ୍ୱତଙ୍କ ସହଯୋଗୀ ପ୍ରବୀଣ ରାଓ୍ୱତଙ୍କ ୯ କୋଟି ଟଙ୍କା ଏବଂ ସାଂସଦଙ୍କ ପତ୍ନୀଙ୍କର ୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିସାରିଛି ଇଡି । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ମହାରାଷ୍ଟ୍ର ଚାଲିଛି ମହାନାଟକ । କିଏ କାହାକୁ ସମର୍ଥନ କରୁଛି । ସେନେଇ ପ୍ରତିଦିନ ଚାଲିଛି ଘମାଘୋଟ ବୟାନବାଜି । ଦଳ ଓ ସରକାରଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ ହୋଇ ମନ୍ତ୍ରୀ ଏକନାଥ ସିନ୍ଦେ ବିଦ୍ରୋହ କରିଛନ୍ତି ।

ଅଗ୍ନିପଥ କ୍ରେଜ୍ : ୩ ଦିନରେ ବାୟୁସେନାରେ ନିଯୁକ୍ତି ପାଇଁ ରେଜିଷ୍ଟ୍ରେସନ କଲେଣି ୫୬ ହଜାରରୁ ଅଧିକ ପ୍ରାର୍ଥୀ

ନୂଆଦିଲ୍ଲୀ, ୨୭/୬ (ଏଜେନ୍ସି) : ଅଗ୍ନିପଥ ଯୋଜନାକୁ ନେଇ ଦେଶର ଅନେକ ସ୍ଥାନରେ ହିଂସା ପରିଲକ୍ଷିତ ହୋଇଥିଲା । ହଜାର ହଜାର ଛାତ୍ର ଏହି ଯୋଜନାକୁ ବିରୋଧ କରିଥିଲେ । କିନ୍ତୁ ବାସ୍ତବ ଚିତ୍ର ଓଲଟା । ଭାରତୀୟ ବାୟୁସେନା ଅଗ୍ନିପଥ ଯୋଜନାରେ ରବିବାର ସୁଦ୍ଧା ୫୬୯୬୦ ଜଣ ରେଜିଷ୍ଟ୍ରେସନ କରିଥିବା ଜଣାପଡିଛି । ଭାରତୀୟ ବାୟୁସେନା ପକ୍ଷରୁ ଏନେଇ ଟ୍ୱିଟରରେ ସୂଚନା ଦିଆଯାଇଛି । ଭାରତୀୟ ବାୟୁସେନା ପକ୍ଷରୁ ରବିବାର ଟ୍ୱିଟ୍ କରି କୁହାଯାଇଛି ଯେ, ଅଗ୍ନିପଥ ଯୋଜନାରେ ୫୬୯୬୦ ଜଣ ଆବେଦନ କରିଛନ୍ତି । ଯେଉଁଥିରୁ ଭବିଷ୍ୟତର ଅଗ୍ନିବୀର ତିଆରି ହେବେ ୟ ଜୁଲାଇ ୫ ତାରିଖ ଯାଏଁ ଆବେଦନ କରାଯାଇପାରିବ ବୋଲି ସେନା ପକ୍ଷରୁ କୁହାଯାଇଛି । ଜୁନ ୧୪ରେ ହୋଇଥିବା ଘୋଷଣା ଗତ ୧୪ ତାରିଖରେ ସରକାର ଅଗ୍ନିପଥ ଯୋଜନା ଆମ୍ଭ କରି କହିଥିଲେ ଯେ, ୧୭ରୁ ୨୧ ବର୍ଷର ଯୁବକଙ୍କୁ ସେନାରେ ୪ ବର୍ଷ ପାଇଁ ନିଯୁକ୍ତ ହେବେ । ଏହାମଧ୍ୟରୁ ୨୫ ପ୍ରତିଶତଙ୍କୁ ନିୟମିତ ଭାବେ ସେନାରେ କାମ କରିବାକୁ ସୁଯୋଗ ମିଳିବ । ଏହି ଯୋଜନାକୁ ନେଇ ଦେଶର ଅନେକ ସ୍ଥାନରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ୨୦୨୨ ପାଇଁ ବୟସସୀମା ୨୩ ସରକାର ଜୁନ ୧୬ରେ ଏହି ଯୋଜନାରେ ସାମିଲ ପାଇଁ ସର୍ବାଧିକ ବୟସସୀମାକୁ ୨୩ କରିଥିଲେ । ଏହାପରେ ଗୃହ ମନ୍ତ୍ରାଳୟ ଅର୍ଦ୍ଧସୈନିକ ବଳ ଓ ପ୍ରତିରକ୍ଷା ବିଭାଗ ନିୟ ମନ୍ତ୍ରାଳୟରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେବେ ବୋଲି ଘୋଷଣା କରିଥିଲେ ।

ଫ୍ୟାନ୍ସଙ୍କୁ ଗୁଡ୍ ନ୍ୟୁଜ୍ ଦେଲେ ଆଲିଆ

ମୁମ୍ବାଇ ୨୭/୬ (ଏଜେନ୍ସି) : ଖୁବଶୀଘ୍ର ଫ୍ୟାନ୍ସଙ୍କୁ ଗୁଡ ନ୍ୟୁଜ୍ ଦେବାକୁ ଯାଉଛନ୍ତି ରଣବୀର କପୁର ଓ ଆଲିଆ ଅର୍ଥାତ ଆଲିଆ ଯୋଡି । ବିବାହର ଦୁଇ ମାସ ପରେ ବଲିଉଡ ତାରକା ରଣବୀର କପୁର ଏବଂ ଆଲିଆ ଭଟ୍ଟ ପ୍ରଶଂସକଙ୍କ ସହ ଏହି ଖୁସି ଖବର ବାଣ୍ଟିଛନ୍ତି । ସୋସିଆଲ ମିଡିଆରେ ଏକ ସ୍ୱତନ୍ତ୍ର ପୋଷ୍ଟ କରି ଆଲିଆ ଭଟ୍ଟ ଲେଖିଛନ୍ତି ଆମେ ଖୁବଶୀଘ୍ର ଦୁଇରୁ ତିନି ହେବାକୁ ଯାଉଛୁ । ଅଭିନେତ୍ରୀଙ୍କ ଏହି ପୋଷ୍ଟ କିଛି ମିନିଟ ମଧ୍ୟରେ ଭାଇରାଲ ହୋଇଛି । ଆଲିଆ ଭଟ୍ଟ ଏକ ସୁନ୍ଦର ଛବି ସହିତ ଘୋଷଣା କରିଛନ୍ତି ଯେ ତାଙ୍କ ଶିଶୁ ଶୀଘ୍ର ଦୁନିଆକୁ ଦେଖିବାକୁ ଯାଉଛି । ଏହି ଚିତ୍ରରେ ଆଲିଆ ଭଟ୍ଟ ରଣବୀର କପୁରଙ୍କ ସହ ଡାକ୍ତରଖାନାରେ ନଜର ଆସିଛନ୍ତି । ଉଭୟ ସେମାନଙ୍କର ଆଗାମୀ ଶିଶୁର ଝଲକ ଦେଖାଇଛନ୍ତି । ଏହି ସମୟରେ ଆଲିଆଙ୍କ ମୁହଁରେ ଅଧିକ ହସ ଦେଖାଯାଉଛି । ଏହା ସହିତ, ଆଲିଆ ଦ୍ୱିତୀୟ ଚିତ୍ରରେ ସିଂହ-ସିଂହୀ ଏବଂ ତାଙ୍କ ପିଲାଙ୍କ ଅତି ସୁନ୍ଦର ଚିତ୍ର ସେୟାର କରିଛନ୍ତି । ଏହି ଛବିଗୁଡ଼ିକୁ ସେୟାର କରି ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, ଆମ ଶିଶୁ ଶୀଘ୍ର ଆସିବ ।